**ଯେଉଁ କେଶରେ ସାଂସଦ ବା ବିଧାୟକମାନେ ଜଡ଼ିତ ଥିବେ ତାହାର ବିଚାର ଖୁବ ଶୀଘ୍ର କରାଯିବା ଜରୁରୀ ।**

**ତା.୧୧.୦୩.୨୦୧୪**

**ଶ୍ରୀ ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

'ପବ୍ଲିକ ଇଣ୍ଟ୍ରେଷ୍ଟ ଫାଉଣ୍ଡେସନ' ନାମକ ଏକ ଏନ.ଜି.ଓ ଦ୍ୱାରା ଫାଇଲ କରାଯାଇଥିବା ଆବେଦନ ପତ୍ର ଅନୁଯାୟୀ ଗତକାଲି ମାନ୍ୟବର ସୁପ୍ରିମକୋର୍ଟ ଏକ ଆଦେଶ ଜାରି କରିଅଛି । ତାହା ହେଲା ''କୌଣସି କେଶରେ ଯଦି ସାଂସଦ ବା ବିଧାୟକମାନେ ଜଡ଼ିତ ଥିବେ ତେବେ ତାହାର ବିଚାର ଦିନେ ବା ଦୁଇ ଦିନ ମଧ୍ୟରେ କରାଯିବା ସହ ଏକ ବର୍ଷ ମଧ୍ୟରେ ତାହାକୁ ଶେଷ କରାଯିବ । ଯଦି କୌଣସି କାରଣରୁ କେଶକୁ ଶେଷ କରାଯାଇ ନପାରିଲା ତେବେ ଜଜ ତାହାର ଯଥାର୍ଥ କାରଣ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ଜଣାଇବେ ।''

ଏହା ଏକ ଅନୁଶୋଚନାର ବିଷୟ କି ଆଜି ଦେଶର ରାଜନୀତିରେ ଅପରାଧ ଏକ ନିତି ଦିନିଆ ଘଟଣା ହୋଇଯାଇଛି । ବହୁ ଅପରାଧ କେଶ ରହିଥିବା ବା କେଶ ସ୍ଥଗିତ ରହିଥିବା ବ୍ୟକ୍ତିମାନେ ଆଜି ଦେଶ ରାଜନୀତିର ଏକ ଅଂଶ ବିଶେଷ । ଯାହାକି ଦେଶର ଜନତାଙ୍କ ମନରେ ଅବିରତ ଏକ ଆଶଙ୍କା ଜାତ କରାଇବା ସହ ରାଜନୀତିର ମାନଦଣ୍ଡକୁ ମଧ୍ୟ ହ୍ରାସ କରାଉଅଛି । ନିର୍ବାଚନ ଆୟୁକ୍ତ ଓ ଆଇନ ଆୟୁକ୍ତ ବାରମ୍ବାର କରି କୌଣସି ବ୍ୟକ୍ତିଙ୍କ ନାମରେ ଅପରାଧର କେଶ ଥିଲେ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦୀତା କରିବାକୁ ଅସମର୍ଥ ବୋଲି ପ୍ରକାଶ କରୁଛନ୍ତି ଓ ରିପ୍ରେଜେଣ୍ଟେସନ ଅଫ ପିପୁଲ ଆକ୍ଟ ଅନୁଯାୟୀ ଏପରି ବ୍ୟକ୍ତି ମଧ୍ୟ ପ୍ରାର୍ଥୀ ହୋଇ ପାରିବ ନାହିଁ ।

ଦେଶର ବିଭିନ୍ନ ରାଜନୈତିକ ଦଳ ଏ ସମ୍ପର୍କରେ ବିଭିନ୍ନ ବୈଠକ ତଥା ଆଲୋଚନା କରି ମଧ୍ୟ କୌଣସି ସମାଧାନ କରିପାରିନାହାନ୍ତି । କାରଣ କୌଣସି ବ୍ୟକ୍ତିର ଅଭିଯୋଗ ସାବ୍ୟସ୍ଥ ନହେବା ପର୍ଯ୍ୟନ୍ତ ତାକୁ ଦୋଷୀର ଆଖ୍ୟା ଦିଆଯାଇ ନପାରେ । କେବଳ କେଶ ଫାଇଲ କରାଯିବା ଦ୍ୱାରା ଯଦି ପ୍ରାର୍ଥୀ ପତ୍ର ନାକଚ କରାଯାଏ ତେବେ ନିର୍ବାଚନର ଠିକ ପୂର୍ବରୁ ଏହି ନିୟମର ଅପବ୍ୟବହାର ମଧ୍ୟ କରାଯାଇ ପାରିବ । ଏନ.ଡ଼ି.ଏ ସରକାର ସମୟରେ ଏହାର ସମାଧାନ ପାଇଁ ଆମେ ଏକ ପନ୍ଥା

ଖୋଜିଥିଲୁ । କିଛି ହିଂସାତ୍ମକ ବା ଜଘନ୍ୟ ଅପରାଧ ପାଇଁ ଏକ ବିଲ ପ୍ରସ୍ତୁତ କରାଯାଇଥିଲା । ମାତ୍ର ତାହା ସର୍ବ ସମ୍ମତି କ୍ରମେ ପାରିତ ହୋଇନଥିଲା ।

ତେବେ ଏହାର ସମାଧାନ କଅଣ ? କୌଣସି ନେତା, ସାଂସଦ ଓ ବିଧାୟକମାନେ ସର୍ବସାଧାରଣଙ୍କ କାର୍ଯ୍ୟାଳୟରେ ରହୁଥିଲେ ମଧ୍ୟ ସେମାନଙ୍କର କେଶରେ ବିଳମ୍ବତା ପ୍ରଦର୍ଶନ ଆଦୌ ଗ୍ରହଣୀୟ ନୁହେଁ । ତାଙ୍କୁ ମଧ୍ୟ ଡ଼ାକ୍ତରଙ୍କ ପତ୍ନୀଙ୍କ ଭଳି ସନ୍ଦେହର ଘେରରେ ରଖାଯିବ । ବର୍ତ୍ତମାନ ମାନ୍ୟବର ସୁପ୍ରିମ କୋର୍ଟ ଉପରୋକ୍ତ ଯେଉଁ ରାୟ ଦେଇଛନ୍ତି ତାହା ଏଭଳି ପରିସ୍ଥିତିରେ ସଠିକ ଓ ସ୍ୱାଗତଯୋଗ୍ୟ ଅଟେ ।